ଓଡ଼ିଶା ସାହିତ୍ୟ ଏକାଡେମୀ
# ସମାଚାର
ODISHA SAHITYA AKADEMI SAMACHAR


75th Issue : April - June 2021 | ସଂଖ୍ୟା ୭୫: ଏପ୍ରିଲ - ଜୁନ୍ ୨୦୨୧

## ଗୋପୀନାଥ ଓଡ଼ିଆ ଗଦ୍ୟ ସାହିତ୍ୟର ଅନତିକ୍ରମଣୀୟ ସ୍ରଷ୍ଟା



ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରଖ୍ୟାତ ଔପନ୍ୟାସିକ ପଦ୍ମଭୂଷଣ ଡକ୍ଟର ଗୋପୀନାଥ ମହାନ୍ତିଙ୍କ ୧୦୭ତମ ଜନ୍ମ ବାର୍ଷିକୀରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଗୋପୀନାଥ ଇଣ୍ଟରନ୍ୟାସନାଲଙ୍କ ସହଯୋଗରେ ୩୦ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅପ୍ରେଲ ୨୦ ମଙ୍ଗଳବାର ସନ୍ଧ୍ୟା ୬.୦୦ ଘଟିକାରେ ଅନ୍‌ଲାଇନ୍ ମାଧ୍ୟମରେ ଆୟୋଜନ କରାଯାଇଅଛି। ଏହି ଅବସରରେ ଜ୍ଞାନପୀଠ ପୁରସ୍କାର ବିଜେତା ଭାରତବର୍ଷର ବିଶିଷ୍ଟ ଲେଖିକା ପଦ୍ମଶ୍ରୀ ଡକ୍ଟର ପ୍ରତିଭା ରାୟ ଉକ୍ତ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ ପୂର୍ବକ ୩୦ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ପ୍ରସିଦ୍ଧ ଅନୁବାଦକ ପ୍ରଫେସର ବିକ୍ରମ ଦାସ ଏଥିରେ ପୌରୋହିତ୍ୟ କରି ଗୋପୀନାଥଙ୍କୁ ଓଡ଼ିଆ ଗଦ୍ୟ ସାହିତ୍ୟର ଅନତିକ୍ରମଣୀୟ ସ୍ରଷ୍ଟା ବୋଲି ଅଭିହିତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀଯୁକ୍ତ ହରିହର ମିଶ୍ର ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଉକ୍ତ କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୋଗଦାନ କରିଥିବା ସମସ୍ତ ଅତିଥି ଓ ଶ୍ରୋତାବର୍ଗଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନଙ୍କ ବାସ୍ତବ ଦାୟାଦ ସୁରେନ୍ଦ୍ର ମହାନ୍ତି



ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁରେନ୍ଦ୍ର ମହାନ୍ତି ଏକ ବହୁମୁଖୀ ସୃଜନଶୀଳ ପ୍ରତିଭା। ସେ ଏକାଧାରରେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ଔପନ୍ୟାସିକ, ସୃଜନଶୀଳ ଗାଳ୍ପିକ, ସଫଳ ସମାଲୋଚକ, ଅଭିଜ୍ଞ ରାଜନୀତିଜ୍ଞ, ପ୍ରବୀଣ ସାମ୍ବାଦିକ ତଥା ସୁଯୋଗ୍ୟ ସମ୍ପାଦକ। ସୁରେନ୍ଦ୍ରଙ୍କ ସାରସ୍ୱତ ଜୀବନ ପରିଧି ବହୁ ବ୍ୟାପକ ଓ ସୁଦୂରପ୍ରସାରୀ। ଜୀବନର ନାନା ଘାତ ପ୍ରତିଘାତ ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏହି ପ୍ରଜ୍ଞାପୁରୁଷ ଥିଲେ ସଦା ସ୍ଥିର ଓ ଅଚଞ୍ଚଳ। ସଂପ୍ରତି କରୋନା ଜନିତ କାରଣରୁ ଏହି ମହାନ୍ ସାରସ୍ୱତ ପୁରୁଷଙ୍କ ଜୟନ୍ତୀ ତା୨୧.୦୬.୨୦୨୧ ରିଖରେ ଭର୍ଚୁଆଲ ମାଧ୍ୟମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରି ସୁରେନ୍ଦ୍ରଙ୍କୁ ସାହିତ୍ୟରେ ଫକୀରମୋହନଙ୍କ ଯୋଗ୍ୟ ଦାୟାଦ ଭାବେ ଅଭିହିତ କରିଥିଲେ। ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଅସିତ୍ ମହାନ୍ତି, ଏକାଡେମୀ ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ପ୍ରମୁଖ ଭର୍ଚୁଆଲ ମାଧ୍ୟମରେ ଏଥିରେ ଯୋଗଦାନ କରି ସୁରେନ୍ଦ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ବିଶଦଭାବରେ ଆଲୋକପାତ କରିଥିଲେ।

## ସ୍ୱାଗତଂ ସଭାପତି



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୪୨/ଓଏଲ୍‌ଏଲ୍‌ସିଡି ତା ୨୦ମଇ, ୨୦୨୧ ଅନୁସାରେ କବି ଡକ୍ଟର ହୃଷୀକେଶ ମଲ୍ଲିକଙ୍କୁ ରାଜ୍ୟ ସରକାର ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ତିନିବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି। ଡକ୍ଟର ମଲ୍ଲିକ ୨୧ ମଇ ୨୦୨୧ ରିଖ ପୂର୍ବାହ୍ନରେ ଏକାଡେମୀର ସଭାପତି ଦାୟିତ୍ୱ ଗ୍ରହଣ କରି ନିଜ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ବିଭାଗରେ ସ୍ନାତକୋତ୍ତର ଉପାଧି ଲାଭ କରି ସେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗରେ ଅଧ୍ୟାପକ ଭାବରେ ଯୋଗଦାନ ପୂର୍ବକ ଦୀର୍ଘ ତିରିଶ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ପଦପଦବୀରେ ଦାୟିତ୍ୱ ନିର୍ବାହ ପୂର୍ବକ ଭୁବନେଶ୍ୱରସ୍ଥ ରାଜଧାନୀ ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପଦବୀରୁ ସେବା ନିବୃତ୍ତ ହୋଇଛନ୍ତି। ୧୯୯୧ରୁ ୧୯୯୫ ଯାଏଁ ସେ ଓଡ଼ିଶା ସରକାରଙ୍କ 'ଶିଶୁ ସାହିତ୍ୟ ସମିତି'ର ସଂପାଦକ ତଥା 'ଶିଶୁଲେଖା'ର କାର୍ଯ୍ୟକାରୀ ସଂପାଦକ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ମହାବିଦ୍ୟାଳୟରେ ଅଧ୍ୟୟନ କାଳରୁ ଏଯାବତ୍ ସେ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଆ କବିତା ସର୍ଜନା କ୍ଷେତ୍ରରେ ନିଜକୁ ତଲ୍ଲୀନ କରି ଯଶସ୍ୱୀ କବି ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ପ୍ରଥମ କବିତା ସଂକଳନ 'ଧାନସାଉଁଟା ଝିଅ' ନିମନ୍ତେ ସେ ୧୯୮୮ ବର୍ଷର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେହିପରି ୨୦୧୬ ମସିହାରେ 'ଜେଜେ ଦେଖିନଥିବା ଭାରତ' କବିତା ସଂକଳନ ପାଇଁ ଡ. ମଲ୍ଲିକ ସମ୍ମାନଜନକ ୩୭ତମ ଶାରଳା ପୁରସ୍କାର ଲାଭ କରି ଗୌରବ ମଣ୍ଡିତ ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଶାରଳା ପୁରସ୍କାର ବ୍ୟତୀତ ସେ ରାଜ୍ୟ ମଧ୍ୟରେ ତଥା ରାଜ୍ୟ ବାହାରୁ ଅନେକ ମର୍ଯ୍ୟାଦାସଂପନ୍ନ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ଓଡ଼ିଆ ସାହିତ୍ୟକୁ ଡକ୍ଟର ମଲ୍ଲିକ ଯେଉଁ ମର୍ଯ୍ୟାଦାସଂପନ୍ନ କବିତା ସଂକଳନ ଉପହାର ଦେଇ ସମୃଦ୍ଧ କରିଛନ୍ତି ତନ୍ମଧ୍ୟରୁ 'ଧାନସାଉଁଟା ଝିଅ', 'ଉଜୁଡ଼ା କ୍ଷେତର ଗୀତ', 'ଘଟ ଆକାଶ', 'ଧର୍ମପତ୍ନୀ', 'ଜୀବନନାମା', 'ସାଖୀ ଚଂଦ୍ର ସୂର୍ଯ୍ୟ', 'ଜେଜେ ଦେଖିନଥିବା ଭାରତ', ରେବତୀ ଓ ସରିଯାଇଥିବା ଅପେରା ଆଦି ଅନ୍ୟତମ। ଓଡ଼ିଶା ସାହିତ୍ୟ ଏକାଡେମୀର ୩୨ତମ ସଭାପତି ପଦ ମଣ୍ଡନ କରିଥିବାରୁ ଡକ୍ଟର ହୃଷୀକେଶ ମଲ୍ଲିକଙ୍କୁ ଏକାଡେମୀ ପରିବାର ପକ୍ଷରୁ ସ୍ୱାଗତ କରାଯାଉଛି।

## ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ

| | |
|---|---|
| ଡକ୍ଟର ହୃଷୀକେଶ ମଲ୍ଲିକ | ସଭାପତି |
| ଡକ୍ଟର ସଂଗ୍ରାମ ଜେନା | ଉପ-ସଭାପତି |
| ଶ୍ରୀ ପ୍ରଦୀପ କୁମାର ମିଶ୍ର | ବିତ୍ତ ଅଧିକାରୀ ତଥା ଅର୍ଥ ପରାମର୍ଶଦାତା |
| ଶ୍ରୀ ପ୍ରବୋଧ କୁମାର ରାଉତ | ସଚିବ |
| ଶ୍ରୀ ରଞ୍ଜନ କୁମାର ଦାସ | ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,ଓ.ଭା.ସା.ଓ ସଂ. ବିଭାଗ, ଓଡ଼ିଶା |
| ନିର୍ଦ୍ଦେଶକ | ଉଚ୍ଚ ଶିକ୍ଷା ବିଭାଗ, ଲୋକସେବା ଭବନ, ଓଡ଼ିଶା, ଭୁବନେଶ୍ୱର-୭୫୧୦୦୧ |
| ଶ୍ରୀ ବାହାଦୂର ପାଟ୍ଟସାହାଣୀ | ଇ-୧୧, ଟାଉନ ପ୍ଲାନିଂ କଲୋନୀ, ଢ଼େଙ୍କାନାଳ-୭୫୯୦୧୩ |
| ଡକ୍ଟର ଶୁଭଶ୍ରୀ ଲେଙ୍କା | ଫ୍ଲାଟ ନଂ-୫୦୪, ଡି ବ୍ଲକ୍, ଡିଅନ ଆପାର୍ଟମେଣ୍ଟ, ନରଣପୁର, କଟକ-୭୫୪୦୦୫ |
| ଶ୍ରୀ କାଳୀପଦ ପଣ୍ଡା | ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧ |
| ଡକ୍ଟର ସଂଗ୍ରାମ କେଶରୀ ପୃଷ୍ଟି | ରାଜକିଶୋର ନଗର, ଅନୁଗୋଳ-୭୫୯୧୨୬ |
| ଡକ୍ଟର ଜ୍ୟୋତିର୍ମୟୀ ସାହୁ | ପ୍ରତିଶ୍ରୁତି, ପ୍ୟାଲେସ ଲାଇନ୍, ବଲାଙ୍ଗିର-୭୬୭୦୦୧ |
| ଶ୍ରୀ ବାମାପଦ ତ୍ରିପାଠୀ | ତହସିଲ ଅଫିସ ନିକଟ, ବରପାଲ୍ଲୀ, ବରଗଡ଼ |
| ଶ୍ରୀ ଭାରତ ଚନ୍ଦ୍ର ଦାଶ | ସାରସ୍ୱତ ନିବାସ, ଗୌଡ଼ଦିଆ, ସିମୁଳିଆ, ବାଲେଶ୍ୱର-୭୫୬୧୨୬ |
| ଇଂ. ସଞ୍ଜୟ କୁମାର ପଣ୍ଡା | ନୀଳଚକ୍ର, ବଗିଚା ସାହି, ପୁରୁଣା ବ୍ଲକ୍ ଛକ, ବୌଦ୍ଧ-୭୬୨୦୧୪ |
| ଶ୍ରୀ ପବିତ୍ର ପାଣିଗ୍ରାହୀ | ଜଗନ୍ନାଥ ବିହାର, ସାଳନ୍ଦିନଗର, ବାଇପାସ୍, ଭଦ୍ରକ-୭୫୬୧୦୦ |
| ଶ୍ରୀ ମନୋଜ ପଟ୍ଟନାୟକ | ପ୍ଲଟ ଡି/୯୯, ସେକ୍ଟର-୭, ମର୍କତ ନଗର, କଟକ-୭୫୩୦୧୪ |
| ଶ୍ରୀ ଭାରତ ଭୂଷଣ ନନ୍ଦ | ନବୋଦୟ ସାହି, ୱାର୍ଡ ନଂ-୨, ବାଳିକା ବିଦ୍ୟାଳୟ ନିକଟ, ଦେବଗଡ଼-୭୬୮୧୦୮ |
| ଡକ୍ଟର ପୁଷ୍ପଲତା ରଥ | ଗଣେଶ ବଜାର, ପୋଷ୍ଟାଲ କଲୋନୀ, ମୁଖ୍ୟ ଡାକଘର ନିକଟ, ଢ଼େଙ୍କାନାଳ-୭୫୯୦୦୧ |
| ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା | ଶ୍ରୀକରଣ ସାହି, ପାରଳାଖେମୁଣ୍ଡି, ଗଜପତି-୭୬୧୨୦୦ |
| ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢ଼ୀ | ଏନ୍.ସି.ସି. କାର୍ଯ୍ୟାଳୟ ନିକଟ, ଗାନ୍ଧୀନଗର-୧, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧ |
| ଡକ୍ଟର ଅଭୟ ବାରିକ | କୁଦିଆରୀ, ଗନ୍ଧଗାଡ଼ିଆ ଲେନ୍, ପୋ: ଜଟଣି, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦ |
| ଶ୍ରୀମତୀ ରୀତାରାଣୀ ନାୟକ | ସା- ଚୋରଡ଼ା, ପୋ-ଯାଜପୁର ରୋଡ଼, ଯାଜପୁର-୭୫୫୦୧୯ |
| ଶ୍ରୀମତୀ ଶିବପ୍ରିୟା ମିଶ୍ର | କ୍ୱା.ନଂ-ଏସ୍.ଜି.ଏସ୍-୬, ଓପିଏମ୍ କୋଲନୀ, ବ୍ରଜରାଜ ନଗର, ଝାରସୁଗୁଡ଼ା |
| ଶ୍ରୀ ସତ୍ୟନାରାୟଣ ମହାପାତ୍ର | ମନ୍ଦାରବଗିଚାପଡ଼ା, ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧ |
| ଶ୍ରୀ ଗିରିଜା ପ୍ରସାଦ ମିଶ୍ର | ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ, ବୌଦ୍ଧ-୭୬୨୦୧୪ |
| ଶ୍ରୀ ସରୋଜ କୁମାର ମହାନ୍ତି | ମାଳତୀ ଭବନ, ମହୀପାଳ, କେନ୍ଦ୍ରାପଡ଼ା-୭୫୪୨୧୧ |
| ଶ୍ରୀ ପିନାକୀ ମିଶ୍ର | ଶୂନ୍ୟନୀଳ, ଚର୍ଚ୍ଚ ଛକ, ଜେଲ ରୋଡ଼, କେନ୍ଦୁଝର-୭୫୮୦୦୧ |
| ଶ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀ | ଶ୍ରୀରାମ ନଗର, ପାରାବେଡା, ଜୟପୁର, କୋରାପୁଟ-୭୬୪୦୦୧ |
| ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ | ୧୦୬, ଏମ୍ରାଲ୍ଡ ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୭ |
| ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନ | କେନାଲ କଲୋନୀ, ଡି.ଏନ.କେ, ମାଲକାନଗିରି-୭୬୪୦୪୮ |
| ଶ୍ରୀ ଅଜିତ ପାତ୍ର | ୱାର୍ଡ ନଂ-୨୯, ଭୁଗୁଡ଼ାକୋଟା, ଭଞ୍ଜପୁର, ବାରିପଦା,ମୟୂରଭଞ୍ଜ-୭୫୭୦୦୨ |
| ଶ୍ରୀ ବଲ୍ଲଭ କୁମାର ରାଉତ | ସା/ପୋ: ଧୋଡ୍ରା, ଭାୟା: ଉମରକୋଟ, ଜିଲ୍ଲା: ନବରଙ୍ଗପୁର |
| ଶ୍ରୀ ଅଶୋକ କୁମାର ନାୟକ | ଇଟାମାଟି, ନୟାଗଡ଼-୭୫୨୦୬୮ |
| ଡକ୍ଟର ସୁରେଶ୍ୱରୀ ବାଘ | ଖଡ଼ିଆଲ, ୱାର୍ଡ ନଂ-୪, ଛେଲିଆପଡ଼ା, ନୂଆପଡ଼ା-୭୯୯୧୦୭ |
| ଡକ୍ଟର ପ୍ରତିଭା ମହାରଥୀ | ଘର ନଂ- ଟାଇପ୍-୮, ଡି.ଏସ୍/୨, ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧ |
| ଶ୍ରୀ ସୁଶାନ୍ତ କୁମାର ନାୟକ | ରାୟଗଡ଼ା-୭୬୫୦୦୧ |
| ଡକ୍ଟର ରଘୁନାଥ ମେହେର | ଭୀମଭୋଇ ନଗର, ବୁଢ଼ାରଜା,ସମ୍ବଲପୁର-୭୬୮୦୦୪ |
| ଡକ୍ଟର ଦେବାଶିଷ ପାଣ୍ଡିଆ | ରାମଜୀ ନଗର ପଟ୍ଟାଭାଡ଼ୀ, ସୁବର୍ଣ୍ଣପୁର-୭୬୭୦୧୭ |
| ଡକ୍ଟର ସୁପ୍ରିୟା ପାଲ | ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବଡ଼ଗାଁ, ସୁନ୍ଦରଗଡ଼ |
| ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ | ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪ |
| ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ | ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ବ୍ରହ୍ମପୁର-୭୬୦୦୦୭ |
| ପ୍ରଫେସର ଅଶୋକ କୁମାର ମହାପାତ୍ର | ଇଂରାଜୀ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା-୭୬୮୦୧୯ |
| ଶ୍ରୀ ପଦ୍ମନାଭ ସାହୁ | ଦରୋଗାଡାହି, ୱାର୍ଡ ନଂ-୧୯, ବାରିପଦା, ମୟୂରଭଞ୍ଜ-୭୫୧୦୦୧ |
| ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର |
| ଡକ୍ଟର ଉର୍ମିଶ୍ରୀ ବେଦମାତା | ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଲେଜ ସ୍କୋୟାର, କଟକ-୭୫୩୦୦୩ |
| ଡକ୍ଟର ନିରଞ୍ଜନ କର | ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀ-୭୫୧୦୦୪ |
| ଶ୍ରୀ ଶିବ ପ୍ରସାଦ ତ୍ରିପାଠୀ | ସମଲେଶ୍ୱରୀ ମନ୍ଦିର ନିକଟ, ବଡ଼ବଜାର, ସମ୍ବଲପୁର |
| ଶ୍ରୀ ପୂର୍ଣ୍ଣଚନ୍ଦ୍ର ବହଳୀ | ସା/ପୋ- ଗରଦପୁର, ଭାୟା- ମାଧବନଗର, ଜିଲ୍ଲା- ଭଦ୍ରକ-୭୫୬୧୮୧ |
| ଶ୍ରୀ ଚନ୍ଦ୍ରଶେଖର ହୋତା | ଉପଆରକ୍ଷୀ ଅଧୀକ୍ଷକ, ମାଝିଗୁଡ଼ା, ନବରଙ୍ଗପୁର-୭୬୪୦୫୯ |
| ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ | ମହାନଦୀ ବିହାର, ପୋ- ନୟାବଜାର, କଟକ- ୭୫୩୦୦୪ |
| ଡକ୍ଟର ସୁନୀତି ମୁଣ୍ଡ | ୩୦୫, ସିଦ୍ଧି ବିନାୟକ ରେସିଡେନ୍ସି, ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬ |
| ଶ୍ରୀ ଅତୁଲ ବଳ | ପ୍ରାଧ୍ୟାପକ, ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ରାଜନଗର, କେନ୍ଦ୍ରାପଡ଼ା-୭୫୪୨୨୫ |
| ଶ୍ରୀ ରାଜୀବ ପାଣି | ଏଚଆଇଜି-ବି/ଡ଼ି-୨୧, ଫେଜ୍-୩, ଛେଣ୍ଡ, ରାଉରକେଲା, ସୁନ୍ଦରଗଡ଼ |
| ଡକ୍ଟର ଶରତ କୁମାର ଜେନା | ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ,ପଶ୍ଚିମବଙ୍ଗ -୭୩୧୨୩୫ |
| ଶ୍ରୀ ସୁରେଶ କୁମାର ନାୟକ | ଫ୍ଲଟ ନଂ. ୯୧, ଶତାବ୍ଦୀନଗର, କୃଷକ ବଜାର, ବିଡ଼ାନାସୀ, କଟକ-୭୫୩୦୧୪ |
| ଶ୍ରୀ ଅଶ୍ୱିନୀ କୁମାର ଶତପଥୀ | ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ |

## ନବନିଯୁକ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କମିଶନରଙ୍କୁ ଅଭିନନ୍ଦନ



ରାଜ୍ୟ ସରକାର ଭାରତୀୟ ପ୍ରଶାସନିକ ସେବାରେ କର୍ତ୍ତବ୍ୟରତ ବରିଷ୍ଠ ଅଧିକାରୀ ଡ. ସୁରେଶ ଚନ୍ଦ୍ର ଦଳାଇଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ପଦବୀରେ ଅଧିଷ୍ଠିତ କରାଇଛନ୍ତି। ଡକ୍ଟର ଦଳାଇ ପେସାରେ ଜଣେ ଯନ୍ତ୍ରୀ ହୋଇଥିବା ସ୍ଥଳେ ନିଶାରେ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଭାବରେ ସୁପରିଚିତ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟଭାବରେ ଡ. ଦଳାଇଙ୍କ ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଫଳରେ ଅନେକ ଲୋକହିତକର କାର୍ଯ୍ୟ ସମାହିତ ହେବା ସଙ୍ଗେ ସଙ୍ଗେ ଏହି ବିଭାଗ ଅନ୍ତର୍ଗତ ସମସ୍ତ କାର୍ଯ୍ୟାଳୟଗୁଡିକ ସଦା କର୍ମଚଞ୍ଚଳ ହେବା ଆଶା କରାଯାଏ। ଡ. ଦଳାଇଙ୍କ ଏହି ନୂତନ ନିଯୁକ୍ତିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ସ୍ୱାଗତ କରିବା ସହ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ମୁଁ ବି ଲେଖକ ହେବି

ଓଡ଼ିଶାର ହାଇସ୍କୁଲ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟସ୍ତରରେ ଅଧ୍ୟୟନରତ କିଶୋର କିଶୋରୀମାନଙ୍କର ସର୍ଜନାତ୍ମକ ଜ୍ଞାନର ବିକାଶ ପାଇଁ ଏକାଡେମୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓଡ଼ିଆ ସାହିତ୍ୟର ବିବିଧ ବିଭାଗରେ କର୍ମଶାଳାମାନ ଆୟୋଜନ କରି ତରୁଣ ପିଢ଼ିର ଲେଖକ ସମାଜ ସୃଷ୍ଟି ନିମନ୍ତେ ପ୍ରୟାସ କରିଛି। କର୍ମଶାଳାରେ ଯୋଗଦେଇଥିବା କିଶୋର କିଶୋରୀ ଲେଖକମାନଙ୍କ ସାହିତ୍ୟ ସର୍ଜନା ଅଗ୍ରଗତି ପ୍ରତି ଏକାଡେମୀ ନିରନ୍ତର ଦୃଷ୍ଟିଦେଇ ସେମାନଙ୍କୁ ଲେଖକ ଭାବେ ଗଢ଼ିତୋଳିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ।

# ରାମଚନ୍ଦ୍ର ଓ ଚନ୍ଦ୍ରଶେଖରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ଏବଂ ଯୁବ ପୁରସ୍କାର



୨୦୨୦ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର' ଓ 'ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର' ଘୋଷଣା କରାଯାଇଛି । ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ ସମ୍ମାନଜନକ 'ବାଲ୍ ସାହିତ୍ୟ ପୁରସ୍କାର' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ତାଙ୍କ ରଚିତ ଗଳ୍ପ ସଂକଳନ 'ବଣ ଦେଉଳରେ ସୁନା ନେଉଳ' ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରାପ୍ତ ହେବେ । କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ କମିଟି ବୈଠକରେ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି ।

ସେହିପରି ଯୁବ ପ୍ରାବନ୍ଧିକ ଶ୍ରୀ ଚନ୍ଦ୍ରଶେଖର ହୋତା 'ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର' ପାଇବେ । ପ୍ରବନ୍ଧ ପୁସ୍ତକ 'ଚେତନାର ଅନ୍ୱେଷଣ' ପାଇଁ ସେ ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ପୁରସ୍କାର ବାବଦକୁ ବିଜେତାମାନଙ୍କୁ ୧ ଲକ୍ଷ ଟଙ୍କା ସହ ତାମ୍ର ଫଳକ ପ୍ରଦାନ କରାଯାଇ ପୁରସ୍କୃତ କରାଯିବ । ଡ. ରାମଚନ୍ଦ୍ର ନାୟକ ୨୦୧୨ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦକୁ କେନ୍ଦୁଝର ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରିଥିଲେ । ଶ୍ରୀ ଚନ୍ଦ୍ରଶେଖର ହୋତା ୨୦୧୭ରୁ ୨୦୨୦ ଏବଂ ୨୦୨୦ରୁ ଏଯାବତ୍ ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଭାବରେ କାର୍ଯ୍ୟକାରୀ ପରିଷଦକୁ ନିର୍ବାଚିତ ହୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି । ଉଭୟ ଏହି ସମ୍ମାନସ୍ପଦ ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବାରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଉଭୟଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଉଛି ।

# ପଣ୍ଡିତ କୃପାସିନ୍ଧୁ ସତ୍ୟବାଦୀର ଅମୂଲ୍ୟ ରତ୍ନ

ସତ୍ୟବାଦୀ ଯୁଗର ବରେଣ୍ୟ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସଖା ପଣ୍ଡିତ କୃପାସିନ୍ଧୁ ମିଶ୍ର ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ନିଷ୍ଠାପର ସାଧକ ଓ ମହାନ ଜନସେବକ । ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କର ବିଚକ୍ଷଣ ବୁଦ୍ଧି ଓ ଜ୍ଞାନର ପରିଚୟ ମିଳିଥିଲା । ସ୍ୱାଭିମାନୀ କୃପାସିନ୍ଧୁ ଓଡ଼ିଶାର ଲୁପ୍ତ ଐତିହାସିକ ଗୌରବ ଓ ସାଂସ୍କୃତିକ ବିଭବ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । 'ଉତ୍କଳ ଇତିହାସ', 'କୋଣାର୍କ', 'ବାରବାଟୀ ଦୁର୍ଗର ଇତିହାସ' ଲେଖି ନିଜର ଐତିହାସିକ ଓ ଗବେଷକ ଜୀବନ ଏବଂ ଉତ୍କଳପ୍ରାଣତାର ସୁସ୍ପଷ୍ଟ ପରିଚୟ ଦେଇଅଛନ୍ତି । ତାଙ୍କ ରଚିତ ପୁସ୍ତକାବଳୀ ଏବେ ବି ଇତିହାସର ଗବେଷକମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇରହିଛି । ସଂପ୍ରତି କରୋନା ଜନିତ କାରଣରୁ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ ତା ୨୭.୦୬.୨୦୨୧ ରିଖ ଦିନ ଭର୍ଚୁଆଲ ମାଧ୍ୟମରେ ପାଳନ କରାଯାଇଥିଲା । ଏହି



ଜୟନ୍ତୀରେ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ଡକ୍ଟର ଶରତ କୁମାର ରଥ, ପୁରୀଜିଲ୍ଲା ଏକାଡେମୀ ସଦସ୍ୟା ଡକ୍ଟର ପ୍ରତିଭା ମହାରଥୀ ଓ ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଉପସ୍ଥିତ ରହି ନିଜ ନିଜର ବ୍ୟକ୍ତବ୍ୟ ପ୍ରସଙ୍ଗରେ ପଣ୍ଡିତ କୃପାସିନ୍ଧୁଙ୍କୁ ସତ୍ୟବାଦୀର ଅମୂଲ୍ୟ ରତ୍ନ ଭାବେ ଅଭିହିତ କରି ସ୍ରଷ୍ଟାଙ୍କ ଜୀବନଦର୍ଶନ, ସାହିତ୍ୟାନୁରାଗ ଓ ଗୁରୁଭାବରେ ତାଙ୍କ ନିଷ୍ଠାପର ଶିକ୍ଷାଦାନ ସଂପର୍କରେ ବିଶଦ ଭାବରେ ଆଲୋକପାତ କରିଥିଲେ ।

# ଡକ୍ଟର ସଂଗ୍ରାମ ଜେନା ଏକାଡେମୀର ନୂତନ ଉପସଭାପତି



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩୫/ ଓଏଲ୍ଏଲ୍ସିଡି ତା ୨୦ ମଇ ୨୦୨୧ ଅନୁସାରେ କବି ଓ ଅନୁବାଦକ ଡକ୍ଟର ସଂଗ୍ରାମ ଜେନାଙ୍କୁ ରାଜ୍ୟ ସରକାର ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଭାବେ ତିନିବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି । ଡକ୍ଟର ଜେନା ୨୧ ମଇ ୨୦୨୧ ପୂର୍ବାହ୍ନରେ ଏକାଡେମୀର ଉପସଭାପତି ଦାୟିତ୍ୱ ଗ୍ରହଣ କରି ନିଜ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଭାଗରେ ଉପାଧ୍ୟୁତ୍ତର ଶିକ୍ଷା ଲାଭ କରିଛନ୍ତି । ଡ. ଜେନା ଭାରତ ସରକାରଙ୍କ ସଂସ୍କୃତି ବିଭାଗର 'ସିନିଅର ଫେଲୋସିପ୍' ପାଇ ଉଚ୍ଚତର ଗବେଷଣା କରିଛନ୍ତି । ମହାବିଦ୍ୟାଳୟରେ ଅଧ୍ୟୟନ କାଳରୁ ଡକ୍ଟର ଜେନା କବିତା, ଅନୁସୃଜନ ଓ ସଂପାଦନା କ୍ଷେତ୍ରରେ ମନୋନିବେଶ କରି ଯଶସ୍ୱୀ ହୋଇଛନ୍ତି । ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ସେ ସାରସ୍ୱତ ସାଧନାରେ ବ୍ରତୀ ରହି ଦେଶ ବିଦେଶରେ ଓଡ଼ିଆ ଭାଷା ଓ ସାହିତ୍ୟର ପରିପ୍ରସାର କରିଛନ୍ତି । ତାଙ୍କ ଅନବଦ୍ୟ ସୃଷ୍ଟି ସମୂହ ମଧ୍ୟରେ କବିତା ସଂକଳନ 'ବସାଘର', 'ଦେହ ଦୋହା', 'ଛାଇ ପଛେ ପଛେ', 'ଅନ୍ୟଦିନ' ଆଦି ରହିଥିବା ବେଳେ ନଟୀ, କମଳା ଦାସଙ୍କ କଥା ଓ କବିତା, ମାୟା ମହ୍ଲାର, ଉମରାଉଜାନ୍, ପାବ୍ଲୋ ନେରୁଦାଙ୍କ କୋଡ଼ିଏଟି କବିତା ଓ ଗାବ୍ରିଏଲା ମିସ୍ତ୍ରାଲଙ୍କ କବିତା ଆଦି ଅନୁବାଦ ସଂଭାର ଅଛି । ସଂପ୍ରତି ସେ 'ନିଶାନ୍ତ' ଓ 'ମାର୍ଗ ଏସିଆ' ପତ୍ରିକାର ସଂପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି । ରାଜ୍ୟ ତଥା ରାଜ୍ୟବାହାରର ଅନେକ ପୁରସ୍କାର ଓ ସମ୍ମାନ ସହ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଓ କବିତା ପାଇଁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଲାଭ କରିଛନ୍ତି । ଜଣେ ଉତ୍ସର୍ଗୀକୃତ ସାରସ୍ୱତ ସାଧକ ଭାବରେ ଡକ୍ଟର ସଂଗ୍ରାମ ଜେନାଙ୍କର ଓଡ଼ିଆ ସାହିତ୍ୟ ଜଗତରେ ସୁଖ୍ୟାତି ରହିଛି । ସେ ଏକାଡେମୀର ଉପସଭାପତି ପଦ ମଣ୍ଡନ କରିଥିବାରୁ ଓଡ଼ିଶା ସାହିତ୍ୟ ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଉଛି ।

## ଦୀର୍ଘ ୬୪ ବର୍ଷ ଧରି ନିୟମିତ ପ୍ରକାଶ ଲାଭ କରି ଆସୁଥିବା ଓଡ଼ିଆ ପତ୍ରିକା ଜଗତର ଦିଗବାରେଣୀ 'କୋଣାର୍କ'ର ସ୍ୱତନ୍ତ୍ର ସଂଖ୍ୟା ଯାହା ଓଡ଼ିଆ ସାହିତ୍ୟର ଏକ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ




୧. ୬ବର୍ଷ ୩ୟ ସଂଖ୍ୟା - ପଞ୍ଚସଖା ସାହିତ୍ୟ
୨. ୨୮ତମ ସଂଖ୍ୟା - ପ୍ରବନ୍ଧ
୩. ୨୯ତମ ସଂଖ୍ୟା - କବିତା ଏକାଙ୍କିକା
୪. ୩୦ତମ ସଂଖ୍ୟା - ଗଳ୍ପ
୫. ୩୧ତମ ସଂଖ୍ୟା - ଉପେନ୍ଦ୍ର ଭଞ୍ଜ
୬. ୩୨ତମ ସଂଖ୍ୟା - ଶ୍ରୀଜଗନ୍ନାଥ ସାହିତ୍ୟ ଓ ସଂସ୍କୃତି
୭. ୩୩ ତମ ସଂଖ୍ୟା - ପଣ୍ଡିତ ଗୋପବନ୍ଧୁ ଦାସ
୮. ୪୨ତମ ସଂଖ୍ୟା - ବ୍ୟାସକବି ଫକୀରମୋହନ ସେନାପତି
୯. ୪୫ତମ ସଂଖ୍ୟା - ଦୁର୍ଗାପୂଜା
୧୦. ୪୯ତମ ସଂଖ୍ୟା - ରଜତ ଜୟନ୍ତୀ
୧୧. ୫୩ତମ ସଂଖ୍ୟା - ପଣ୍ଡିତ ନୀଳକଣ୍ଠ ଦାସ
୧୨. ୫୯ତମ ସଂଖ୍ୟା - ଉତ୍କଳ ଦିବସ ସୁବର୍ଣ୍ଣ ଜୟନ୍ତୀ
୧୩. ୬୯ତମ ସଂଖ୍ୟା - ଓଡ଼ିଆ ଉପନ୍ୟାସ ଶତବାର୍ଷିକ
୧୪. ୮୦ତମ ସଂଖ୍ୟା - ଗଣକବି ବୈଷ୍ଣବପାଣି
୧୫. ୮୧ତମ ସଂଖ୍ୟା - ଆଦିବାସୀ ସଂସ୍କୃତି
୧୬. ୮୨ତମ ସଂଖ୍ୟା - ସୁରେନ୍ଦ୍ର ମହାନ୍ତି
୧୭. ୮୬ତମ ସଂଖ୍ୟା - କାଳିନ୍ଦୀଚରଣ ପାଣିଗ୍ରାହୀ
୧୮. ୮୮ତମ ସଂଖ୍ୟା - ଗୋପୀନାଥ ମହାନ୍ତି
୧୯. ୯୨ତମ ସଂଖ୍ୟା - କାବ୍ୟ-କବିତା
୨୦. ୯୪ତମ ସଂଖ୍ୟା - ଓଡ଼ିଆ ଗଳ୍ପ ସାହିତ୍ୟ
୨୧. ୯୭ତମ ସଂଖ୍ୟା - ଓଡ଼ିଆ ନାଟ୍ୟ ସାହିତ୍ୟ
୨୨. ୯୮ତମ ସଂଖ୍ୟା - ଓଡ଼ିଆ ଶିଶୁ ସାହିତ୍ୟ
୨୩. ୯୯ତମ ସଂଖ୍ୟା - ଲୋକ ସାହିତ୍ୟ
୨୪. ୧୦୦ତମ ସଂଖ୍ୟା - ଲେଖିକା
୨୫. ୧୦୧ତମ ସଂଖ୍ୟା - ଶ୍ରୀ ଜଗନ୍ନାଥ ସଂସ୍କୃତି
୨୬. ୧୦୨ତମ ସଂଖ୍ୟା - ସନ୍ଥକବି ଭୀମଭୋଇ
୨୭. ୧୧୪ତମ ସଂଖ୍ୟା - ହରେକୃଷ୍ଣ ମହତାବ
୨୮. ୧୧୯ତମ ସଂଖ୍ୟା - କାହ୍ନୁଚରଣ ମହାନ୍ତି
୨୯. ୧୨୧ତମ ସଂଖ୍ୟା - ଆଦିବାସୀ ଭାଷା ଓ ସାହିତ୍ୟ
୩୦. ୧୨୫ତମ ସଂଖ୍ୟା - ଆଧୁନିକ କବିତା
୩୧. ୧୨୬ତମ ସଂଖ୍ୟା - ଶିଶୁ ସାହିତ୍ୟ
୩୨. ୧୨୮ତମ ସଂଖ୍ୟା - ମାୟାଧର ମାନସିଂହ
୩୩. ୧୩୦ତମ ସଂଖ୍ୟା - ଜଗନ୍ମୋହନ ଲାଲ
୩୪. ୧୩୧ତମ ସଂଖ୍ୟା - ପ୍ୟାରୀମୋହନ ଆଚାର୍ଯ୍ୟ
୩୫. ୧୩୫ତମ ସଂଖ୍ୟା - ଦିବଂଗତ ସାହିତ୍ୟିକ ସୃଷ୍ଟି
୩୬. ୧୩୬ତମ ସଂଖ୍ୟା - ନାଟ୍ୟ ସାହିତ୍ୟ
୩୭. ୧୩୭ତମ ସଂଖ୍ୟା - ଗୀତି କବିତା
୩୮. ୧୩୮ତମ ସଂଖ୍ୟା - କୃପାସିନ୍ଧୁ ମିଶ୍ର
୩୯. ୧୩୯ତମ ସଂଖ୍ୟା - ଜଗବନ୍ଧୁ ସିଂହ
୪୦. ୧୪୦ତମ ସଂଖ୍ୟା - ଆଧୁନିକ ଓଡ଼ିଆ କବିତା
୪୧. ୧୪୪ତମ ସଂଖ୍ୟା - ପୂର୍ଣ୍ଣାନନ୍ଦ ଦାନୀ
୪୨. ୧୪୭-୧୪୮ ସଂଖ୍ୟା - ସୁବର୍ଣ୍ଣ ଜୟନ୍ତୀ (୧ମ)
୪୩. ୧୪୯-୧୫୧ ସଂଖ୍ୟା - ସୁବର୍ଣ୍ଣ ଜୟନ୍ତୀ (୨ୟ)
୪୪. ୧୬୧ତମ ସଂଖ୍ୟା - ନିତ୍ୟାନନ୍ଦ ମହାପାତ୍ର
୪୫. ୧୬୨ତମ ସଂଖ୍ୟା - ଗଙ୍ଗାଧର ମେହେର
୪୬. ୧୬୩ତମ ସଂଖ୍ୟା - ବିନୋଦ କାନୁନ୍‌ଗୋ
୪୭. ୧୬୪ତମ ସଂଖ୍ୟା - ରାଧାମୋହନ ଗଡ଼ନାୟକ
୪୮. ୧୬୫ତମ ସଂଖ୍ୟା - ଅନନ୍ତ ପଟ୍ଟନାୟକ
୪୯. ୧୬୬ତମ ସଂଖ୍ୟା - ଜଗନ୍ନାଥ ପାଣି
୫୦. ୧୭୨ତମ ସଂଖ୍ୟା - ଧନୁଯାତ୍ରା
୫୧. ୧୭୩ତମ ସଂଖ୍ୟା - ରଥଯାତ୍ରା
୫୨. ୧୭୬ତମ ସଂଖ୍ୟା - ଶାସ୍ତ୍ରୀୟ ଓଡ଼ିଆ ଭାଷା
୫୩. ୧୭୭ତମ ସଂଖ୍ୟା - ନବକଳେବର
୫୪. ୧୭୯ତମ ସଂଖ୍ୟା - ଫତୁରାନନ୍ଦ
୫୫. ୧୮୦ତମ ସଂଖ୍ୟା - ବିଶ୍ୱନାଥ କର
୫୬. ୧୮୨ତମ ସଂଖ୍ୟା - ସଚ୍ଚି ରାଉତରାୟ
୫୭. ୧୯୮ତମ ସଂଖ୍ୟା - ବିନୋଦଚନ୍ଦ୍ର ନାୟକ

## ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ପରିଷଦ

| | | | |
|---|---|---|---|
| **ଡକ୍ଟର ହୃଷୀକେଶ ମଲ୍ଲିକ,** | ସଭାପତି | **ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ,** | ସଦସ୍ୟ |
| **ଡକ୍ଟର ସଂଗ୍ରାମ ଜେନା,** | ଉପ ସଭାପତି | **ଶ୍ରୀ ଚନ୍ଦ୍ରଶେଖର ହୋତା,** | ସଦସ୍ୟ |
| **ଶ୍ରୀ ରଞ୍ଜନକୁମାର ଦାସ,** ନିର୍ଦ୍ଦେଶକ | | **ଶ୍ରୀ ପ୍ରଦୀପ କୁମାର ମିଶ୍ର,** | |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, | ସଦସ୍ୟ | କୋଷାଧ୍ୟକ୍ଷ ତଥା ଅର୍ଥପରାମର୍ଶଦାତା, | ସଦସ୍ୟ |
| **ଡକ୍ଟର ଶୁଭଶ୍ରୀ ଲେଙ୍କା,** | ସଦସ୍ୟା | **ଶ୍ରୀ ପ୍ରବୋଧ କୁମାର ରାଉତ,** ସଚିବ | |
| **ଡକ୍ଟର ନୃସିଂହ ଷଡ଼ଙ୍ଗୀ,** | ସଦସ୍ୟ | ଓଡ଼ିଶା ସାହିତ୍ୟ ଏକାଡେମୀ, | ଆବାହକ |

# ବିକ୍ରମଦେବ: ସାର୍ଥକ ସ୍ରଷ୍ଟା ଓ ଅନନ୍ୟ ସାହିତ୍ୟ ପୃଷ୍ଠପୋଷକ



ଜୟପୁର ମହାରାଜା ରାଜର୍ଷି ବିକ୍ରମଦେବ ବର୍ମା ଏକାଧାରରେ ଥିଲେ ଜଣେ କବି, ନାଟ୍ୟକାର, ଗବେଷକ, ସଂସ୍କୃତବିଦ୍ ଓ ସାହିତ୍ୟାନୁରାଗୀ। ସମଗ୍ର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି ତଥା ବିକାଶକଳ୍ପେ ତାଙ୍କର ପୃଷ୍ଠପୋଷକତା ଅବିସ୍ମରଣୀୟ। ଏହି ସ୍ୱାଭିମାନୀ, ସ୍ୱଜାତିପ୍ରେମୀ ଓ ନିଷ୍ପାପର ସାରସ୍ୱତ ସାଧକ ଏ ଜାତିର ଚିରନମସ୍ୟ। ସଂପ୍ରତି କରୋନା ଜନିତ କାରଣରୁ ସାରସ୍ୱତସାଧକ ବିକ୍ରମଦେବ ବର୍ମାଙ୍କ ଜୟନ୍ତୀ ଭର୍ଚୁଆଲ ମାଧ୍ୟମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା୨୮.୦୬.୨୦୨୧ରିଖରେ ପାଳିତ ହୋଇଯାଇଅଛି। ଉକ୍ତ ଜୟନ୍ତୀରେ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ବିଶିଷ୍ଟ ଗବେଷକ ପ୍ରାବନ୍ଧିକ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ, କୋରାପୁଟ ଜିଲ୍ଲା ସଦସ୍ୟ ଶ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଯୋଗଦାନ କରି ବିକ୍ରମଦେବ ବର୍ମାଙ୍କୁ ଓଡ଼ିଆ ସାହିତ୍ୟର ଅନନ୍ୟ ପୃଷ୍ଠପୋଷକ ଓ ସାର୍ଥକ ସ୍ରଷ୍ଟା ଭାବରେ ଅଭିହିତ କରି ତାଙ୍କ ସାରସ୍ୱତ ସୃଷ୍ଟି ସଂପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

# କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର



ଓଡ଼ିଆ ଭାଷାର ପ୍ରଖ୍ୟାତ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡା ୨୦୨୦ ବର୍ଷର ମର୍ଯ୍ୟାଦାଜନକ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର ଲାଭ କରିଛନ୍ତି। କର୍ଣ୍ଣାଟକସ୍ଥିତ ରାଷ୍ଟ୍ରକବି କୁଭେମ୍ପୁ ପ୍ରତିଷ୍ଠାନ ପକ୍ଷରୁ ୨୦୧୩ ମସିହାରୁ ଜାତୀୟସ୍ତରର ଜଣେ ବିଶିଷ୍ଟ କବିଙ୍କୁ ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। କବି କୁଭେମ୍ପୁ ନାମରେ ପରିଚିତ ପ୍ରଖ୍ୟାତ କନ୍ନଡ କବି କେ.ବି. ପୁଟାପ୍ପାଙ୍କ ଜନ୍ମସ୍ଥାନ କୁପ୍ପାଲିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କବି ରାଜେନ୍ଦ୍ର କିଶୋରଙ୍କୁ ପୁରସ୍କାର ସ୍ୱରୂପ ରୌପ୍ୟଫଳକ ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସାମ୍ପ୍ରତିକ ଓଡ଼ିଆ କବିତା କ୍ଷେତ୍ରରେ କବି ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଆଧୁନିକ ଭାରତୀୟ ଭାଷାସାହିତ୍ୟ ବିଶେଷକରି କବିତାଜଗତକୁ ସମୃଦ୍ଧ କରିବାରେ ରାଜେନ୍ଦ୍ରଙ୍କ ସ୍ୱକୀୟ ଅବଦାନ ଅନସ୍ୱୀକାର୍ଯ୍ୟ। 'ଶତଦ୍ରୁ ଅନେକ', 'ଅନବତାର ଓ ଅନ୍ୟ ଅନ୍ୟ', 'ଗୌଣଦେବତା', 'ନିଜ ପାଇଁ ନାନାବାୟା', ଚୌକାଠରେ ଚିରକାଳ', 'ଶୈଳକଳ୍ପ', 'ବହୁବ୍ରୀହି', 'ଈଶଖେଳ', 'ବୋଧିନଭ', 'ବୈରାଗୀ ଭ୍ରମର', 'ଦୁଜାନାରୀ', 'ଦ୍ରୋହବାକ୍ୟ', 'ଆପଣ ଅଛନ୍ତି', 'ମଣିଷ ମଣିଷ', 'ଅନ୍ୟା' ଆଦି ଶୀର୍ଷକରେ ତାଙ୍କର ୧୬ଟି କବିତା ସଂକଳନ ପ୍ରକାଶ ପାଇଛି। 'ଚିଦାଭାଷ' ଶୀର୍ଷକରେ ଆତ୍ମଜୀବନୀ ମୂଳକ ନିଆରା ଉପନ୍ୟାସ ପୁସ୍ତକ ରହିଛି। ତାଙ୍କର କବିତା ସମଗ୍ର 'ସାଦାପୃଷ୍ଠା' ଦୁଇଟି ଭାଗରେ ପ୍ରକାଶ ପାଇଛି। ପୂର୍ବରୁ କବି ରାଜେନ୍ଦ୍ର କିଶୋର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଭାରତୀୟ ଭାଷା ପରିଷଦ ପୁରସ୍କାର, ସିନିୟର ଫେଲୋସିପ୍, ଶାରଳା ପୁରସ୍କାର (ପ୍ରତ୍ୟାଖ୍ୟାନ), ସାହିତ୍ୟ ଭାରତୀ ସମ୍ମାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମ୍ମାନସୂଚକ ଡି.ଲିଟ୍ ଆଦି ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ଏହିଭଳି ମର୍ଯ୍ୟାଦାଜନକ କୁଭେମ୍ପୁ ପୁରସ୍କାର ଲାଭ କରିଥିବାରୁ କବି ଶ୍ରୀ ରାଜେନ୍ଦ୍ର କିଶୋରଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

# ଏକାଡେମୀର ନବନିଯୁକ୍ତ ସଚିବଙ୍କୁ ଅଭିନନ୍ଦନ



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୨୮/ ଓଏଲ୍‌ଏଲ୍‌ସିଡି ତା ୨୦ ମଇ ୨୦୨୧ ଅନୁସାରେ କବି ଓ ଗାଳ୍ପିକ ଶ୍ରୀ ପ୍ରବୋଧ କୁମାର ରାଉତଙ୍କୁ ରାଜ୍ୟ ସରକାର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ ତିନିବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି। ଶ୍ରୀ ରାଉତ ୨୮ମଇ ୨୦୨୧ ପୂର୍ବାହ୍ନରେ ଏକାଡେମୀର ସଚିବ ଦାୟିତ୍ୱ ଗ୍ରହଣ କରିଛନ୍ତି। ରେଭେନସା କଲେଜରୁ ଅର୍ଥନୀତିରେ ସ୍ନାତକୋତ୍ତର ଓ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ଶିକ୍ଷା ଗ୍ରହଣ କରି ଅଧୁନା ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ଅଛନ୍ତି। ସଂପ୍ରତି ସେ ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ପ୍ରଶାସନିକ ଅଧିକାରୀ ଦାୟିତ୍ୱ ସହ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଭାବରେ ଅବସ୍ଥାପିତ ହୋଇଛନ୍ତି। ମହାବିଦ୍ୟାଳୟରେ ଅଧ୍ୟୟନ କାଳରୁ ଶ୍ରୀଯୁକ୍ତ ରାଉତ ଓଡ଼ିଆ ସାହିତ୍ୟର ଗଳ୍ପ, କବିତା, ନାଟକ ଓ ଗୀତ ଆଦି ବିଭାଗରେ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ସାଧନାରତ ଅଛନ୍ତି। ତାଙ୍କ ଉଲ୍ଲେଖନୀୟ ସୃଷ୍ଟି ସଂଭାର ମଧ୍ୟରେ ଗପସପ, ଅଜନ୍ତା ଏଲୋରା ପରି ଓ ହୃଦୟ ମାଗୁଥିବା ଝିଅ ଗଳ୍ପ ସଂକଳନ, ଏକାବନ କବିତା, ଅଙ୍କ ଅଶିଣ ପାପ କବିତା ସଂକଳନ, ହୃଦୟ ସଙ୍ଗୀତ ଗୀତ ସଂକଳନ ଏବଂ ମିନିକବିତା 'ଭୁଲି ପାରୁନି ବୋଲି' ଓ ନାଟକ 'ନାଟ୍ୟଶାଳା' ତଥା ଇଂରାଜୀ ଏକାଙ୍କିକା 'The Mystry of Broken Trump' ଆଦି ଅନ୍ୟତମ। ଶ୍ରୀ ରାଉତଙ୍କର କ୍ଷୁଦ୍ରଗଳ୍ପ ସଂକଳନ 'ଅଜନ୍ତ ଏଲୋରା ପରି'ର ହିନ୍ଦୀ ଅନୁବାଦ ପ୍ରକାଶ ଲାଭ କରି ଅଶେଷ ପାଠକୀୟ ଆଦୃତି ଲାଭ କରିଛି। ଏତଦ୍‌ଭିନ୍ନ ଓଡ଼ିଆ ଚଳଚ୍ଚିତ୍ର, କ୍ୟାସେଟ୍ ଓ ୟୁଟ୍ୟୁବ୍‌ରେ ଶ୍ରୀ ରାଉତଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକ ବେଶ ଲୋକପ୍ରିୟ। ଜଣେ ଆତ୍ମପ୍ରଚାର ବିମୁଖ ସାରସ୍ୱତ ସାଧକ ଭାବରେ ରାଜ୍ୟ ପ୍ରଶାସନିକ ଦାୟିତ୍ୱ ସହ ସଂପ୍ରତି ସେ ବାଣୀ ନିରାଜନାରେ ମଗ୍ନ ଅଛନ୍ତି। ଶ୍ରୀ ରାଉତ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଭାବେ ଯୋଗଦାନ କରିଥିବାରୁ ଏକାଡେମୀ ପରିବାର ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

# ସାହିତ୍ୟ ଚିର ଶାଶ୍ୱତ, ଅଜୟ ଓ ଅମର




**୨୦୨୦ ବର୍ଷ ପାଇଁ ବିଶିଷ୍ଟ ଲେଖକ ହରପ୍ରସାଦ ଦାସଙ୍କୁ ଓ ୨୦୨୧ ବର୍ଷ ପାଇଁ କବି ଅମରେଶ ପଟ୍ଟନାୟକଙ୍କୁ ମର୍ଯ୍ୟାଦାଜନକ ବିଷୁବ ପୁରସ୍କାର**

ଓଡ଼ିଆ ସାହିତ୍ୟର ଯଶସ୍ୱୀ ଲେଖକ ଶ୍ରୀ ହରପ୍ରସାଦ ଦାସ ତାଙ୍କ ଜୀବନବ୍ୟାପୀ ସାରସ୍ୱତ ସାଧନା ପାଇଁ ୨୦୨୦ ବର୍ଷର ସମ୍ମାନଜନକ ବିଷୁବ ପୁରସ୍କାର ଲାଭ କରିଛନ୍ତି । ଶ୍ରୀଯୁକ୍ତ ଦାସ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଆ କାବ୍ୟ ସାହିତ୍ୟରେ ସାଧନାରତ ଅଛନ୍ତି । କାବ୍ୟ-କବିତା ବ୍ୟତୀତ ସେ ଜଣେ ବିଶିଷ୍ଟ ପ୍ରାବନ୍ଧିକ, ସ୍ତମ୍ଭକାର ଓ ଆଲୋଚକ ଭାବରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛନ୍ତି । ସେ ୧୯୯୩ ମସିହାରେ ତାଙ୍କର ଅନବଦ୍ୟ କବିତା ଗ୍ରନ୍ଥ 'ମନ୍ତ୍ରପାଠ' ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ଶ୍ରୀଯୁକ୍ତ ଦାସ ମର୍ଯ୍ୟାଦାଜନକ ବିଷୁବ ପୁରସ୍କାର ପ୍ରାପ୍ତ ହୋଇଥିବାରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଅଛି । ସେହିପରି ଚଳିତ ବର୍ଷର ମର୍ଯ୍ୟାଦାଜନକ ବିଷୁବ ପୁରସ୍କାର କବି ଅମରେଶ ପଟ୍ଟନାୟକ ଲାଭ କରିଛନ୍ତି । ପ୍ରଗତିବାଦୀଧାରାର ଜଣେ ସଫଳ ସ୍ରଷ୍ଟା ଭାବରେ କବି ଅମରେଶ ଓଡ଼ିଆ ସାହିତ୍ୟ ଜଗତରେ ବିପୁଳ ଖ୍ୟାତି ଅର୍ଜନ କରିଛନ୍ତି । ବିଗତ ଛ'ଦଶନ୍ଧି ରୁ ଊର୍ଦ୍ଧ୍ୱକାଳ ଧରି ସେ ବାଣୀ ନିରାଜନାରେ ମଗ୍ନ ରହିଛନ୍ତି । ସେ ତାଙ୍କର ଅନନ୍ୟ କବିତା ଗ୍ରନ୍ଥ 'ଆକାଶୀମଣିଷ' ନିମନ୍ତେ ୨୦୦୦ ବର୍ଷର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ୨୦୨୧ ବର୍ଷର ଖ୍ୟାତିସଂପନ୍ନ ବିଷୁବ ପୁରସ୍କାର କବି ଶ୍ରୀ ଅମରେଶ ପଟ୍ଟନାୟକ ପ୍ରାପ୍ତ ହୋଇଥିବାରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଉଭୟ କବିଙ୍କ ଦୀର୍ଘ ସୁସ୍ଥ ନିରାମୟ ସ୍ୱାରସ୍ୱତ ଜୀବନ କାମନା କରି ଏକାଡେମୀ ପକ୍ଷରୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରାଯାଇଛି ।

## ବୈଷୟିକ ପଦ୍ଧତିରେ ଏକାଡେମୀ କାର୍ଯ୍ୟକ୍ରମ ସଂପାଦନ ପାଇଁ ପଦକ୍ଷେପ

◆ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ଅନଲାଇନ ମାଧ୍ୟମରେ ଯଥା- ଫ୍ଲିପ୍‌କାର୍ଟ, ଆମାଜନ, ଇଣ୍ଡିଆମାର୍ଟ, ସ୍ନାପଡିଲ, ହୋମସପ୍-୧୮ ଇତ୍ୟାଦି ଦ୍ୱାରା ପୁସ୍ତକ ବିକ୍ରୟ ନିମନ୍ତେ ପଦକ୍ଷେପ ଗ୍ରହଣ ।

◆ ଓଡ଼ିଶା ସାହିତ୍ୟ ଏକାଡେମୀରେ ଇ-ଲାଇବ୍ରେରୀ ପ୍ରତିଷ୍ଠା ଓ ଏହାର ଏକ ମୋବାଇଲ ଆପ ବିକଶିତ କରାଯାଇ ଏଥିରେ କେବଳ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ସନ୍ନିବେଶିତ କରାଯିବ ।

◆ ଓଡ଼ିଶା ସାହିତ୍ୟ ଏକାଡେମୀରେ ଭିଡ଼ିଓ ୱାଲ ପ୍ରତିଷ୍ଠା କରାଯାଇ ଏଥିରେ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରତିଭା ଓ ସେମାନଙ୍କ କୃତି ବାବଦରେ ବୃତ୍ତ ଚିତ୍ର ନିର୍ମାଣ କରାଯାଇ ପ୍ରଦର୍ଶିତ କରାଯିବା ତଥା ଏଗୁଡ଼ିକୁ ୱେବ୍‌ସାଇଟ୍ ଓ ସୋସିଆଲ ମିଡ଼ିଆରେ ପରିବେଷଣ ନିମନ୍ତେ ସିଦ୍ଧାନ୍ତ ଗ୍ରହଣ ।

◆ ଓଡ଼ିଶା ସାହିତ୍ୟ ଏକାଡେମୀରେ ହିସାବଜନିତ କାର୍ଯ୍ୟର ପରିଚାଳନା ନିମନ୍ତେ ହିସାବ ସଫ୍ଟୱେୟାର କାର୍ଯ୍ୟକାରିତା କରିବା ।

◆ ଓଡ଼ିଶା ସାହିତ୍ୟ ଏକାଡେମୀର କର୍ତ୍ତୃପକ୍ଷ ଓ କର୍ମଚାରୀମାନଙ୍କୁ ଦରମା ଇତ୍ୟାଦି ପ୍ରଦାନ ନିମନ୍ତେ HRMS ସଫ୍ଟୱେୟାର କାର୍ଯ୍ୟକାରିତା କରିବା ।

◆ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ସମ୍ବନ୍ଧୀୟ ଗୋପନୀୟ ନଥିପତ୍ରକୁ ବାଦ୍ ଦେଇ ଅନ୍ୟାନ୍ୟ ନଥିପତ୍ରର ପରିଚାଳନା ନିମନ୍ତେ ଓସ୍ୱାସ କାର୍ଯ୍ୟକାରିତା କରିବା ।

◆ ଓଡ଼ିଶା ସାହିତ୍ୟ ଏକାଡେମୀର କୋଣାର୍କ (ଉଭୟ ଓଡ଼ିଆ ଓ ଇଂରାଜୀ) ପତ୍ରିକାକୁ ଲୋକାଭିମୁଖୀ କରିବା ପାଇଁ ଅନଲାଇନରେ ଉପଲବ୍ଧ କରାଇବା । ଲେଖକ କିମ୍ବା ବ୍ୟକ୍ତି ବିଶେଷ ଯଦି ପ୍ରତିଲିପି ଦେଖିବାକୁ /ନେବାକୁ ଚାହିଁବେ, ତେବେ ଏଥିପାଇଁ ରେଜେଷ୍ଟ୍ରିଭୁକ୍ତ ହୋଇ ଆଗତୁରା ଗ୍ରାହକ ଦେୟ ପ୍ରଦାନ କରି ତାହା ପ୍ରାପ୍ତ ହେବାପାଇଁ ପଦକ୍ଷେପ ଗ୍ରହଣ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କୋଣାର୍କ ପତ୍ରିକାର ଉପଲବ୍ଧ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି ।

◆ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟପ୍ରଣାଳୀ ଦୈନନ୍ଦିନ ବୃଦ୍ଧିପାଉଥିବା ଯୋଗୁ ଅନ୍ୟକ୍ଷେତ୍ରରେ ଅତ୍ୟାଧୁନିକ ସଫ୍ଟୱେୟାରର କାର୍ଯ୍ୟକାରିତା ।

◆ ଓଡ଼ିଶା ସାହିତ୍ୟ ଏକାଡେମୀର ୱେବସାଇଟ୍ ପୁରାତନ ହୋଇଥିବାରୁ ଏଥିରେ ନୂତନ ତଥ୍ୟ ସନ୍ନିବେଶିତ ହୋଇପାରୁ ନାହିଁ । ତେଣୁ ଏକାଡେମୀର ୱେବସାଇଟକୁ ନୂତନ ଅଳଙ୍କରଣ ନିମନ୍ତେ ପୁନଃ ସଜ୍ଜୀକରଣ ପୂର୍ବକ ଦ୍ୱିଭାଷିକ ବିକାଶ ନିମନ୍ତେ ପଦକ୍ଷେପ ।

◆ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟାଳୟ, ପୁସ୍ତକ ବିକ୍ରୟ କେନ୍ଦ୍ର, ଗ୍ରନ୍ଥାଗାର ଓ ଛୋଟ ସଭାଗୃହର ନିରାପତ୍ତା ତଥା ସଂନିରୀକ୍ଷଣ ନିମନ୍ତେ ସି.ସି.ଟି.ଭି. ଦ୍ୱାରା ସଂଯୋଗୀକରଣ ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରାପ୍ତ ବରେଣ୍ୟ ସାରସ୍ୱତସାଧକ/ସାଧିକାଗଣ

| | | |
|---|---|---|
| ୧. | ରାଧାମୋହନ ଗଡ଼ନାୟକ (୧୯୧୧-୨୦୦୦) | ୧୯୯୩ |
| ୨. | କୃଷ୍ଣଚନ୍ଦ୍ର ତ୍ରିପାଠୀ (୧୯୧୧-୧୯୯୭) | ୧୯୯୪ |
| ୩. | ନଟବର ସାମନ୍ତରାୟ (୧୯୧୮-୨୦୦୦) | ୧୯୯୫ |
| ୪. | ରାଜକିଶୋର ପଟ୍ଟନାୟକ (୧୯୧୭-୧୯୯୭) | ୧୯୯୬ |
| ୫. | ଲକ୍ଷ୍ମୀଧର ନାୟକ (୧୯୧୩-୨୦୦୪) | ୧୯୯୭ |
| ୬. | ଗୌରୀକୁମାର ବ୍ରହ୍ମା (୧୯୨୦-୨୦୧୧) | ୧୯୯୮ |
| ୭. | ନିତ୍ୟାନନ୍ଦ ମହାପାତ୍ର (୧୯୧୨-୨୦୧୨) | ୧୯୯୯ |
| ୮. | ବିନୋଦଚନ୍ଦ୍ର ନାୟକ (୧୯୧୯-୨୦୦୩) | ୨୦୦୦ |
| ୯. | ବସନ୍ତକୁମାରୀ ପଟ୍ଟନାୟକ (୧୯୨୩ -୨୦୧୩) | ୨୦୦୧ |
| ୧୦. | ଅଚ୍ୟୁତାନନ୍ଦ ପତି (୧୯୨୭) | ୨୦୦୨ |
| ୧୧. | ଚିନ୍ତାମଣି ବେହେରା (୧୯୨୭-୨୦୦୫) | ୨୦୦୩ |
| ୧୨. | ମନୋରଞ୍ଜନ ଦାସ (୧୯୨୧-୨୦୧୩) | ୨୦୦୪ |
| ୧୩. | ଉମାଶଙ୍କର ପଣ୍ଡା (୧୯୩୧-୨୦୧୫) | ୨୦୦୫ |
| ୧୪. | ସୁଦର୍ଶନ ଆଚାର୍ଯ୍ୟ (୧୯୩୯) | ୨୦୦୬ |
| ୧୫. | ମନୋଜ ଦାସ (୧୯୩୪-୨୦୨୧) | ୨୦୦୭ |
| ୧୬. | ମହାପାତ୍ର ନୀଳମଣି ସାହୁ (୧୯୨୬-୨୦୧୬) | ୨୦୦୮ |
| ୧୭. | ଦାଶରଥି ଦାସ (୧୯୩୬) | ୨୦୦୯ |
| ୧୮. | ଚନ୍ଦ୍ରଶେଖର ରଥ (୧୯୨୯-୨୦୧୮) | ୨୦୧୦ |
| ୧୯. | ଗଗନେନ୍ଦ୍ରନାଥ ଦାଶ (୧୯୪୦) | ୨୦୧୧ |
| ୨୦. | ବ୍ରଜନାଥ ରଥ (୧୯୩୬-୨୦୧୪) | ୨୦୧୨ |
| ୨୧. | ଧନେଶ୍ୱର ମହାପାତ୍ର (୧୯୩୨-୨୦୧୮) | ୨୦୧୩ |
| ୨୨. | ଶାନ୍ତନୁକୁମାର ଆଚାର୍ଯ୍ୟ (୧୯୩୩) | ୨୦୧୪ |
| ୨୩. | ମଧୁସୂଦନ ପତି (୧୯୪୧) | ୨୦୧୫ |
| ୨୪. | ବିଭୂତି ପଟ୍ଟନାୟକ (୧୯୩୭) | ୨୦୧୬ |
| ୨୫. | ରବି ସିଂ (୧୯୩୩-୨୦୨୦) | ୨୦୧୭ |
| ୨୬. | ରମାକାନ୍ତ ରଥ (୧୯୩୪) | ୨୦୧୮ |
| ୨୭. | ବୀଣାପାଣି ମହାନ୍ତି (୧୯୩୪) | ୨୦୧୯ |
| ୨୮. | ରାମଚନ୍ଦ୍ର ବେହେରା (୧୯୪୫) | ୨୦୨୦ |

## ଓଡ଼ିଶା ସାହିତ୍ୟ ଏକାଡେମୀ ଅର୍ଥ ସମିତି

| | | | |
|---|---|---|---|
| **ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ,** ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, | ଅଧ୍ୟକ୍ଷ | **ଇଂ. ସଞ୍ଜୟ ପଣ୍ଡା,** | ସଦସ୍ୟ |
| **ଡକ୍ଟର ପୁଷ୍ପଲତା ରଥ,** | ସଦସ୍ୟା | **ଶ୍ରୀ ପ୍ରଦୀପ କୁମାର ମିଶ୍ର,** କୋଷାଧ୍ୟକ୍ଷ ତଥା ଅର୍ଥପରାମର୍ଶଦାତା, | ସଦସ୍ୟ |
| **ଶ୍ରୀମତୀ ରୀତା ନାୟକ,** | ସଦସ୍ୟା | **ଶ୍ରୀ ପ୍ରବୋଧ କୁମାର ରାଉତ,** ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, | ଆବାହକ |

# ଏକାଡେମୀର ନୂତନ କୋଷାଧକ୍ଷ ତଥା ଅର୍ଥପରାମର୍ଶଦାତା



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଜ୍ଞପ୍ତି ସଂଖ୍ୟା ୩୨୬୦/ ଓଏଲ୍ଏଲ୍ସି ତା ୧୬ ଜୁନ୍ ୨୦୨୧ ଅନୁସାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ଶ୍ରୀ ପ୍ରଦୀପ କୁମାର ମିଶ୍ରଙ୍କୁ ରାଜ୍ୟ ସରକାର ଏକାଡେମୀର କୋଷାଧ୍ୟକ୍ଷ ତଥା ଅର୍ଥପରାମର୍ଶଦାତା ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଶ୍ରୀ ମିଶ୍ର ଅନ୍ୟାଦେଶ ପର୍ଯ୍ୟନ୍ତ ନିଜ ଦାୟିତ୍ୱ ସହ ଉକ୍ତ ସାମ୍ବାଧାନିକ ଦାୟିତ୍ୱ ନିର୍ବାହ କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଏଥିପୂର୍ବରୁ ସେ ଏକାଡେମୀର ବିଭିନ୍ନ ପଦପଦବୀରେ ଅତ୍ୟନ୍ତ ନିଷ୍ଠା ସହକାରେ ଦାୟିତ୍ୱ ନିର୍ବାହ କରିଛନ୍ତି । ଏକାଡେମୀରେ କାର୍ଯ୍ୟ କରିବାର ଦୀର୍ଘଦିନର ଅଭିଜ୍ଞତା ତାଙ୍କଠାରେ ଥିବାରୁ ସେ ଏହି ନୂତନ ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁରୂପେ ନିର୍ବାହ କରିବେ ବୋଲି ଆଶା କରାଯାଏ । ଏକାଡେମୀର ଏହି ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୋଇଥିବାରୁ ଶ୍ରୀ ମିଶ୍ରଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଉଅଛି ।

## କୋଣାର୍କ ପାଇଁ ଲେଖା ଆବଶ୍ୟକ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦୀର୍ଘ ୬୪ ବର୍ଷ ଧରି ପ୍ରକାଶ ପାଇଆସୁଥିବା ତ୍ରୈମାସିକ ସାହିତ୍ୟ ମୁଖପତ୍ର 'କୋଣାର୍କ'ର ଆଗାମୀ ସାଧାରଣ ସଂଖ୍ୟାଗୁଡିକ ନିମନ୍ତେ ସ୍ୱନାମଧନ୍ୟ ପ୍ରାବନ୍ଧିକ/ଆଲୋଚକ/ଗବେଷକମାନଙ୍କ ନିକଟରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଷୟକ ଆଧାରିତ ଉଚ୍ଚକୋଟୀର ଗବେଷଣାତ୍ମକ ପ୍ରବନ୍ଧ ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରବନ୍ଧଦାତାମାନେ ସେମାନଙ୍କର ଲେଖା ଏକାଡେମୀକୁ (odishasahityaakademi @gmail.com) ଇ.ମେଲ ଯୋଗେ କିମ୍ବା ଡାକଯୋଗେ ପଠାଇବାକୁ ଅନୁରୋଧ । ଲେଖାଟି 'କୋଣାର୍କ' ପ୍ରକାଶନମଣ୍ଡଳୀଙ୍କ ଦ୍ୱାରା ମନୋନୀତ ହେଲେ ତାହା 'କୋଣାର୍କ'ର ଆସନ୍ତା ସଂଖ୍ୟାମାନଙ୍କରେ ସ୍ଥାନିତ ହେବା ସଙ୍ଗେ ସଙ୍ଗେ ଲେଖକଙ୍କୁ ଉକ୍ତ ସଂଖ୍ୟା ସହିତ ପାରିତୋଷିକ ପ୍ରଦାନ କରାଯିବ ।

# ସନ୍ଥକବି ଭୀମଭୋଇ ପ୍ରତିବଦ୍ଧ ମାନବବାଦୀ ସ୍ରଷ୍ଟା



ସନ୍ଥକବି ଭୀମଭୋଇଙ୍କ ଅଖଣ୍ଡ ସାଧନାର ସିଦ୍ଧି ଲାଭ ଯୋଗୁ ସେ ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ତତ୍କାଳୀନ ସମାଜରେ ପ୍ରଚଳିତ ଜାତିପ୍ରଥା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ଭ୍ରାନ୍ତଧର୍ମଧାରଣା ବିରୋଧରେ ସେ ତାଙ୍କର ସମଗ୍ର ଜୀବନକାଳ ମଧ୍ୟରେ ସ୍ୱର ଉତ୍ତୋଳନ କରିଥିବା ବେଳେ, ନାରୀ ସ୍ୱାଧୀନତା ଓ ପତିତ ଜନଗଣଙ୍କ ସାର୍ବଙ୍ଗୀନ ଉନ୍ନତି ପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ। ସଂପ୍ରତି କରୋନା କଟକଣା ହେତୁ ସନ୍ଥକବି ଭୀମଭୋଇ ଜୟନ୍ତୀ ଭର୍ଚୁଆଲ ମାଧ୍ୟମରେ ୨୬ ମଇ ୨୦୨୧ରିଖରେ ଆୟୋଜିତ ହୋଇଥିଲା। ଏଥିରେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ଥକବିଙ୍କୁ ବିଶ୍ୱରେ ଅଦ୍ୱିତୀୟ ମାନବବାଦୀ ସ୍ରଷ୍ଟା ଭାବରେ ଅଭିହିତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ରଞ୍ଜନ କୁମାର ଦାସ ଭୀମଭୋଇଙ୍କୁ ଓଡ଼ିଆ ସାହିତ୍ୟର ଅନ୍ୟତମ ସିଦ୍ଧସାଧକ ଭାବରେ ବର୍ଣ୍ଣନା କରି ତାଙ୍କ ଅନନ୍ୟ ସୃଷ୍ଟି ସ୍ତୁତି ଚିନ୍ତାମଣି କିଭଳି ଶତାବ୍ଦୀ ଶତାବ୍ଦୀ ଧରି ଲୋକମାନଙ୍କ ମଧ୍ୟରେ ଆଦରଲାଭ କରିଆସୁଛି ସେ ସଂପର୍କରେ ବିଶଦ ବର୍ଣ୍ଣନା କରିଥିଲେ। ସାହିତ୍ୟିକ ଶ୍ରୀ ଉଦ୍ଧବଚରଣ ନାୟକ ଭୀମଭୋଇଙ୍କୁ ମହିମା ଧର୍ମର ଆଦର୍ଶ ବୋଲି ଦର୍ଶାଇବା ସଙ୍ଗେ ସଙ୍ଗେ ତାଙ୍କ ଯୋଗୁ ଆଜି ମହିମା ଧର୍ମ ସମାଜରେ ଆଦୃତି ଲାଭ କରିଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏକାଡେମୀର ନବନିଯୁକ୍ତ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଏଥିରେ ପୌରୋହିତ୍ୟ କରି ଭୀମଭୋଇଙ୍କୁ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା ସାଧକ ଭାବେ ବର୍ଣ୍ଣନା କରିଥିଲେ। ଏକାଡେମୀର ନୂତନ ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଭର୍ଚୁଆଲ ମାଧ୍ୟମରେ ଆଲୋଚନାରେ ଭାଗନେଇ ସନ୍ଥକବିଙ୍କ ସାହିତ୍ୟ କିଭଳି ଭାବରେ ସମାଜ ଉପରେ କାଳ କାଳ ଧରି ପ୍ରଭାବ ବିସ୍ତାର କରିଆସିଛି ସେ ସଂପର୍କରେ ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ।

## ଜ୍ଞାନତପସ୍ୱୀ ବିନୋଦ ଜ୍ଞାନ ବିତରଣର ଅଗ୍ରଦୂତ



ସଂଗ୍ରାମ ଓ ସାଧନାର ଶିଳ୍ପୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଏକାଧାରରେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ଭାଷା ଓ ସାହିତ୍ୟର ଖ୍ୟାତନାମା ଗବେଷକ, ସାମ୍ବାଦିକ, ଜୀବନୀକାର, ଶିଶୁ ସାହିତ୍ୟିକ, ଜନପ୍ରିୟ ବିଜ୍ଞାନ ଲେଖକ ତଥା ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ଅନନ୍ୟ ସ୍ରଷ୍ଟା। ମହାତ୍ମାଗାନ୍ଧୀଙ୍କ ଐତିହାସିକ ପଦଯାତ୍ରାରେ ବିନୋଦ ଅନୁଗୋଳ ଠାରୁ ପୁରୀ ଏବଂ ପୁରୀରୁ ଭଦ୍ରକ ପର୍ଯ୍ୟନ୍ତ ବାପୁଙ୍କ ପାଖେ ପାଖେ ରହି ତାଙ୍କ ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟପ୍ରାପ୍ତ ହୋଇଥିଲେ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ବିନୋଦ କାନୁନ୍‌ଗୋଙ୍କ ଲେଖନୀର ଅମୃତ ସ୍ପର୍ଶ ପାଠକ ମହଲକୁ ବିମୋହିତ କରିଥାଏ। ସଂପ୍ରତି କରୋନା ଜନିତ କାରଣରୁ ଏହି ପ୍ରଖ୍ୟାତ ଜ୍ଞାନଯୋଗୀ ଓ ସୁଲେଖକଙ୍କର ଜୟନ୍ତୀ ତା୦୬. ୦୬.୨୦୨୧ରିଖରେ ଭର୍ଚୁଆଲ ମାଧ୍ୟମରେ ପାଳନ କରାଯାଇଥିଲା। ଏଥିରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖଶାସନ ସଚିବ ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ଶିକ୍ଷାବିତ୍ ଡକ୍ଟର ଅଭିରାମ ବିଶ୍ୱାଳ, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ପ୍ରମୁଖ ଯୋଗଦାନ କରି ବିନୋଦ କାନୁନ୍‌ଗୋଙ୍କୁ ଜ୍ଞାନ ବିତରଣର ଅଗ୍ରଜ ଭାବରେ ଆଖ୍ୟାୟିତ କରି ତାଙ୍କ ବହୁମୁଖୀ ପ୍ରତିଭା ଉପରେ ବିଶେଷ ଆଲୋକପାତ କରିଥିଲେ।

## କବିତାରେ ଅଗ୍ନିର ସ୍ଫୁଲିଙ୍ଗ ସୃଷ୍ଟିରେ ଅନନ୍ତ ଅନନ୍ୟ



କବି ଅନନ୍ତ ପଟ୍ଟନାୟକ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ପ୍ରଥିତଯଶା ଲେଖକ ଓ ଚିନ୍ତାଶୀଳ ସାହିତ୍ୟିକ। ସେ ଏକାଧାରରେ ଜଣେ ବିପ୍ଳବୀ କବି, ଗାଳ୍ପିକ, ଆଦର୍ଶ ଗୁରୁ, ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ ସାରସ୍ୱତ ସାଧକ, ଖ୍ୟାତନାମା ସଙ୍ଗଠକ ଏବଂ ସର୍ବୋପରି ପ୍ରଗତିଶୀଳ ସାମ୍ୟବାଦୀ ଚିନ୍ତାଧାରାର ଅନ୍ୟତମ ପ୍ରବକ୍ତା। ସଂପ୍ରତି କରୋନା ଜନିତ କାରଣରୁ ଏହି ସାରସ୍ୱତ ବହୁମୁଖୀ ପ୍ରତିଭାଧର ପ୍ରଜ୍ଞାପୁରୁଷ ତଥା କାଳଜୟୀ ସ୍ରଷ୍ଟାଙ୍କ ଜୟନ୍ତୀ ତା ୧୨.୦୬.୨୦୨୧ରେ ଭର୍ଚୁଆଲ ମାଧ୍ୟମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ସଭାରେ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ରଂଜନ କୁମାର ଦାସ, ବିଶିଷ୍ଟ ସାହିତ୍ୟିକ ଡ. ଶକୁନ୍ତଳା ବଳିଆରସିଂହ, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଯୋଗଦାନ କରି ଏହି ପ୍ରଥିତଯଶା ଜ୍ଞାନତପସ୍ୱୀ ଲେଖକଙ୍କର ବିଭିନ୍ନ ସାରସ୍ୱତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ସମ୍ପାଦକ
ସଂଗ୍ରାମ ଜେନା
ମୁଖ୍ୟ ସମ୍ପାଦକ
ହୃଷୀକେଶ ମଲ୍ଲିକ

ସମ୍ପାଦନା ମଣ୍ଡଳୀ
ନୃସିଂହ ଷଡ଼ଙ୍ଗୀ ପ୍ରସନ୍ନ କୁମାର ସ୍ୱାଇଁ
ଶୁଭଶ୍ରୀ ଲେଙ୍କା ଚନ୍ଦ୍ରଶେଖର ହୋତା

ପରିଚାଳନା ସମ୍ପାଦକ
ପ୍ରବୋଧ କୁମାର ରାଉତ

ୱେବସାଇଟ୍:www.odishasahityaakademi.org, ଇ-ମେଲ:odishasahityaakademi@gmail.com
ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କଟକସ୍ଥିତ 'ମେସର୍ସ କର ପ୍ରିଣ୍ଟ' ଦ୍ୱାରା ମୁଦ୍ରିତ।